# Chapter- 2
# ପଦ୍ମ

**WORKSHEET**

୧. କବିତାରୁ ପଦ୍ମର ପ୍ରତିଶବ୍ଦ ଗୁଡିକୁ ବାଛି ଗୋଟିଏ ପଦ୍ମଫୁଲର ପାଖୁଡା ଭିତରେ ସଜାଇ ଲେଖ ।

୨. 'ପଦ୍ମ' ଫୁଲର ସୌନ୍ଦର୍ଯ୍ୟ ତୁମକୁ କିପରି ଲାଗେ, ନିଜ ଅନୁଭୂତିରୁ ୫୦ ଶବ୍ଦ ମଧ୍ୟରେ ଲେଖ ।

୩. ବ୍ୟାଖ୍ୟା କର – ଓଡିଆ ଭାଷାର ଅନବଦ୍ୟ ସୃଷ୍ଟି – ବର୍ଣ୍ଣବୋଧ ।

୪. **ବିପରୀତ ଶବ୍ଦ ଲେଖ ।**

ପବିତ୍ର, ପୁଣ୍ୟ, ଅମୃତ, ଆନନ୍ଦ, ଶୀତଳ

୫. **ଠିକ୍ କରି ଲେଖ ।**

ସୋଭା, ପଙ୍କଯ, ନଳିନି, ଲାବଣ୍ୟନୀଧୀ, ସୁନିଳ, ଅତୁଳନିୟ, ସ୍ୟାମଳ, ସୌଦର୍ଯ୍ୟ

୬. **ସଂକ୍ଷିପ୍ତ ଉତ୍ତର ମୂଳକ ।**

(କ) ପଦ୍ମ ଦର୍ଶନରେ କବିଙ୍କ ମନରେ କି ଭାବ ଜାତ ହୁଏ ?

(ଖ) ମଧୁପଦଳ କ'ଣ ପାଇଁ ପାଗଳ ହୁଅନ୍ତି ?

(ଗ) ପଦ୍ମ ସହିତ ଶରୀରର କେଉଁ ଅଙ୍ଗ ଗୁଡିକ ତୁଳନା କରାଯାଏ ?

(ଘ) କବି ନିଜକୁ ପଦ୍ମ ସହିତ ତୁଳନା କରିବାରେ ଦୁଃଖିତ କାହିଁକି ?

୭. **ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛିଲେଖ ।**

(କ) 'ପଦ୍ମ' କବିତାଟି କେଉଁ ପୁସ୍ତକରୁ ସଂଗୃହୀତ ?

(i)କବିତାବଳୀ (ii)ଛାନ୍ଦମାଳା (iii)ବସନ୍ତ ଗାଥା (iv)କୁସୁମାଞ୍ଜଳି

(ଖ) ଢଳଢଳ ସୁନୀଳ ସରସୀ ଜଳରେ କାହାର ରଶ୍ମି ଉଜ୍ଜ୍ୱଳ ହୋଇ ଉଠିଛି ?

(i)ଚନ୍ଦ୍ର (ii)ନକ୍ଷତ୍ର (iii)ଭାସ୍କର (iv)ଗ୍ରହ

(ଗ) କବି ପଦ୍ମକୁ କାହାର ଉପମାସ୍ଥଳ ବୋଲି କହିଛନ୍ତି ?

(i)ଭକ୍ତର (ii)ପ୍ରେମିକର (iii)ସୌନ୍ଦର୍ଯ୍ୟର (iv)ସର୍ବଶୋଭାର

(ଘ) ସୂର୍ଯ୍ୟ ପଦ୍ମ ମୁଖରେ କ'ଣ ଢାଳନ୍ତି ?

(i)ଅମୃତ (ii)ପୀୟୂଷ (iii)ଜ୍ୟୋତିଧାରା (iv)ସ୍ନେହ ଶ୍ରଦ୍ଧା

(ଙ) 'ପଦ୍ମ' ହସ ହସ ମୁଖରେ କାହାକୁ ଅନାଇଥାଏ ?

(i)ନିଶାକର (ii)ହିମାକର (iii)ଦିବାକର (iv)କ୍ଷମାକର

**୮. ସପ୍ରସଙ୍ଗ ସରଳାର୍ଥ ଲେଖ ।**

(କ) କଳୁଷ ପଙ୍କେ ମୁହିଁ କେଡେ ମଳିନ
କେମନ୍ତେ ସରି ତୋର ହେବି ନଳିନ ।

(ଖ) ସର୍ବ ଶୋଭାର ତୁହି ଉପମା ସ୍ଥଳ
ଭକତ ପ୍ରେମିକର ତୁହି ସମ୍ବଳ ।

ODM EDUCATIONAL GROUP
Changing your Tomorrow